# ବେବି ଅମ୍ମାଲ

## ବନାମ

## ରାଜନ ଅଶାରି

## ଡିସେମ୍ବର 2, 1996

## [କେ.ରାମାସ୍ୱାମୀ ଏବଂ ଜି.ଟି.ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସମ୍ପତ୍ତି ହସ୍ତାନ୍ତରଣ ଅଧିନିୟମ, 1882 : ଧାରା 122 ଏବଂ 123 ।*

*ଉପହାର- ଆବଶ୍ୟକୀୟ ଉପାଦାନଗୁଡ଼ିକ- ଅପିଲକାରୀ - ମକଦ୍ଦମା ସମ୍ପତ୍ତିର ମାଲିକ- ତାଙ୍କ ଦ୍ୱାରା ଦାଏର କରାଯାଇଥିବା ଘୋଷଣାମୂଳକ ମାମଲା ଯେ, ଉତ୍ତରଦାତା ଜଣେ ଅନୁଜ୍ଞାପତ୍ରଧାରୀ ଥିଲେ- ବିଚାର କରିଥିବା ନ୍ୟାୟାଳୟଙ୍କ ଦ୍ୱାରା ଡିକ୍ରି ହୋଇଥିବା ଏବଂ ପ୍ରଥମ ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ମକଦ୍ଦମା – ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଯେହେତୁ ଅପିଲକାରୀ ଏକ ଦାନପତ୍ରକୁ ସମ୍ପାଦିତ କରିଛନ୍ତି, ଉତ୍ତରଦାତା ସମ୍ପତ୍ତିର ଦାନଗ୍ରାହୀ ଏବଂ ମାଲିକ ହୋଇଗଲେ – ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅପିଲ କରାଯାଇଥିଲା- ଦର୍ଶାଯାଇଛି, ଦଲିଲରେ ଥିବା ତଥ୍ୟକଥନଗୁଡ଼ିକ ସୂଚାଇ ଦିଏ ଯେ, ଅପିଲକାରୀ ତାଙ୍କ ଜୀବନକାଳ ମଧ୍ୟରେ ସମସ୍ତ ଅଧିକାର ସହିତ ପୂର୍ଣ୍ଣ ମାଲିକାନାରେ ସମ୍ପତ୍ତିର ଉପଭୋଗ ପାଇଁ ସ୍ୱତ୍ୱ ବଜାୟ ରଖିଥିଲେ- ଏହି ମାମଲାରେ ଉଭୟ ସ୍ୱତ୍ୱ ଏବଂ ଦଖଲ ସମ୍ପତ୍ତି ବାଦୀଙ୍କ ପାଖରେ ରହିଥିଲା- ତଥ୍ୟକଥନ ଆଧାରରେ ଉତ୍ତରଦାତାଙ୍କ ଦ୍ୱାରା ଦଖଲ କୌଣସି ଗ୍ରହଣ କରାଯାଇଥିବା କାର୍ଯ୍ୟ ନାହିଁ- ତେଣୁ, ଦଲିଲଟିକୁ ଉତ୍ତରଦାତାଙ୍କ ସପକ୍ଷରେ ଏକ ଉପହାର ଦଲିଲ ଭାବରେ ଗଣନା କରାଯାଇପାରିବ ନାହିଁ – ଉଚ୍ଚ ନ୍ୟାୟାଳୟଙ୍କର ଏହି ସିଦ୍ଧାନ୍ତରେ ଠିକ ନଥିଲେ ଯେ, ଦଲିଲଟି ଏକ ଉପହାର ଦଲିଲ ଥିଲା ଏବଂ ଅପିଲକାରୀଙ୍କର ସମ୍ପତ୍ତି ଘୋଷଣା ପାଇଁ କୌଣସି ଅଧିକାର ନାହିଁ କାରଣ ସେ ଦଖଲକୁ ଛାଡ଼ିଦେଇଥିଲେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା. 15607/1996 ।

ଏସ୍.ଏ. ସଂଖ୍ୟା- 358/1994ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ତା17.3.95ରିଖରୁ

ଅପିଲକାରୀଙ୍କ ପାଇଁ ଏମ୍.ପି.ବିନୋଦ ।

ଉତ୍ତରଦାତାଙ୍କ ପାଇଁ ଏମ୍.ଟି. ଜର୍ଜ, ଦୀଲିପ କୁମାର ପିଲ୍ଲାଇ, ଟି.ଜି.ଏନ୍ ନାୟର ଏବଂ ଏମ୍.କେ.ଡି. ନାମ୍ବୁଦରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ଦିଆଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

# ବେବି ଅମ୍ମାଲ ବନାମ ରାଜନ ଅଶାରି

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ କେରଳ ଉଚ୍ଚ ନ୍ୟାୟାଳୟର ଡିଭିଜନ ବେଞ୍ଚର 17 ମାର୍ଚ୍ଚ 1995ରେ ଦ୍ୱିତୀୟ ଅପିଲ ସଂଖ୍ୟା- 358/94 ରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ଅପିଲକାରୀ ତ୍ରିଭେନ୍ଦ୍ରମ ଜିଲ୍ଲାର ଚେଟ୍ଟିଭିଲକମ ଗ୍ରାମରେ ସର୍ବେକ୍ଷଣ ସଂଖ୍ୟା- 1960/6 ବିଶିଷ୍ଟ ସମ୍ପତ୍ତିର ମାଲିକ ବୋଲି ସ୍ୱୀକୃତ ଭାବରେ ଅଛନ୍ତି । ଅପିଲକାରୀ ଦଖଲ ପାଇଁ ଏକ ମାମଲା ଦାଏର କରିଥିଲେ ଏବଂ ଉତ୍ତରଦାତାଙ୍କୁ ଜଣେ ଅନୁଜ୍ଞପ୍ତିଧାରୀ ବୋଲି ଘୋଷଣା କରିଥିଲେ । ବିଚାର କରିଥିବା ନ୍ୟାୟାଳୟ 3 ନଭେମ୍ବର 1981 ରେ ମକଦ୍ଦମାଟିର ଡିକ୍ରି ଦେଇଥିଲେ ଏବଂ 22 ଜୁଲାଇ 1993ରେ ଅପିଲକୁ ଖାରଜ କରାଯାଇଥିଲା । ଦ୍ୱିତୀୟ ଅପିଲରେ, ଉଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତିକୁ ଓଲଟାଇଦେଇଛନ୍ତି ଯେ, ଅପିଲକାରୀ 11 ଅକ୍ଟୋବର 1966 ରେ ଇଏକ୍ସ.A-1 ଅନୁଯାୟୀ ଉପହାର ପତ୍ର ସମ୍ପାଦନ କରିଥିଲେ ଏବଂ ତେଣୁ, ଉତ୍ତରଦାତା ଦାନଗ୍ରାହୀ ହୋଇ ସମ୍ପତ୍ତିର ମାଲିକ ଭାବରେ ଦଖଲରେ ରହିଥିଲେ । ତେଣୁ, ମକଦ୍ଦମାର ଡିକ୍ରି କରାଯାଇପାରିବ ନାହିଁ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଅଟେ ।

ଦଲିଲରେ ଥିବା ତଥ୍ୟକଥନଗୁଡ଼ିକ ଏହିପରି ସୁଚାଇଦିଆଯାଇଛି :

"ସମ୍ପତ୍ତି ଉପଭୋଗ କରିବାର ସମସ୍ତ ଅଧିକାର ଏବଂ କୋଠାରେ ରହିବାର ଅଧିକାର ମୋ ଜୀବନକାଳ ମଧ୍ୟରେ ମୋ ପାଖରେ ରହିବ ଏବଂ ରାଜନ ଅସାରୀ ମୋ ଜୀବନକାଳ ପରେ ପୂର୍ଣ୍ଣ ସ୍ୱାଧୀନତା ସହିତ ଉକ୍ତ ଅଧିକାରଗୁଡ଼ିକ ହାସଲ କରିବେ ।"

ଉପରୋକ୍ତକୁ ପଢିଲେ ଜଣାପଡ଼େ ଯେ, ଅପିଲକାରୀ ତାଙ୍କ ଜୀବନକାଳ ମଧ୍ୟରେ ସମ୍ପୂର୍ଣ୍ଣ ମାଲିକ ଭାବରେ ସମସ୍ତ ଅଧିକାର ସହିତ ସମ୍ପତ୍ତିର ଉପଭୋଗ ପାଇଁ ସ୍ୱତ୍ୱ ବଜାୟ ରଖିଥିଲେ । ସମ୍ପତ୍ତି ହସ୍ତାନ୍ତରଣ ଅଧିନିୟମର ଧାରା- 122 ରେ ଦର୍ଶାଯାଇଥିବା ପଦ୍ଧତିରେ ସମ୍ପାଦିତ ଉପହାରକୁ ସଂଜ୍ଞା ପ୍ରଦାନ କରେ, ଯାହା ଦାତାଙ୍କ ସମ୍ପତ୍ତିର ସ୍ୱତ୍ୱ ଏବଂ ଦଖଲକୁ ବିକ୍ରୟ କରି ଧାରା- 123 ଅଧୀନରେ ଦାନଗ୍ରାହୀଙ୍କୁ ପ୍ରଦାନ କରିଥାଏ । ଉପହାରପ୍ରାପ୍ତ ସମ୍ପତ୍ତିର ପ୍ରଦାନ ଏବଂ ଦଖଲକୁ ଗ୍ରହଣର ପ୍ରମାଣ ରହିବା ଆବଶ୍ୟକ ଅଟେ । ଏହି ମାମଲାରେ, ଉଭୟ ସମ୍ପତ୍ତି ସମ୍ବନ୍ଧୀୟ ସ୍ୱତ୍ୱ ଏବଂ ଦଖଲ ବାଦୀଙ୍କ ପାଖରେ ରହିଥିଲା । ଉପରୋକ୍ତ ତଥ୍ୟକଥନର ଆଧାରରେ ଉତ୍ତରଦାତାଙ୍କ ଦ୍ୱାରା ଦଖଲର କୌଣସି ସ୍ୱୀକୃତି ନାହିଁ । ଫଳସ୍ୱରୂପ, ଅପିଲକାରୀ ତାଙ୍କ ଜୀବନକାଳ ମଧ୍ୟରେ ମାଲିକ ହୋଇରହିଥିଲେ । ଏହି ପରିସ୍ଥିତିଗୁଡ଼ିକରେ, ଏହାକୁ ଉତ୍ତରଦାତାମାନଙ୍କ ସପକ୍ଷରେ ଏକ ଉପହାର ଦଲିଲ ଭାବରେ ବ୍ୟାଖ୍ୟା କରାଯାଇପାରିବ ନାହିଁ । ସର୍ବୋତ୍ତମ ଭାବରେ, ଏହା କେବଳ ଅପିଲକାରୀଙ୍କ ସହ ମିଳିତ ଭାବରେ ଦଖଲରେ ରହିବା ପାଇଁ ଉତ୍ତରଦାତାଙ୍କ ସପକ୍ଷରେ ଏକ ଅନୁଜ୍ଞପ୍ତି ହେବ । ତେଣୁ, ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ଠିକ ନଥିଲେ ଯେ, ଦର୍ଶିତ A-1 ଏକ ଉପହାର ଦଲିଲ ଅଟେ ଏବଂ ଅପିଲକାରୀଙ୍କର ସମ୍ପତ୍ତି ଘୋଷଣା ପାଇଁ କୌଣସି ସ୍ୱତ୍ୱ ନାହିଁ - କାରଣ ସେ ଦଖଲଟି ଛାଡ଼ି ଦେଇଥିଲେ।

ସେହି ଅନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶକୁ ରଦ୍ଦ କରାଯାଇଛି ଏବଂ ବିଚାର କରିଥିବା ନ୍ୟାୟାଳୟ ଏବଂ ଅପିଲ ନ୍ୟାୟାଳୟଙ୍କର ରାୟକୁ ନିଶ୍ଚିତ କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସେହି

ପରିମାଣରେ ପ୍ରଦାନ କରାଯାଇଥିବା ମଧ୍ୟବର୍ତ୍ତି ଲାଭର ଡିକ୍ରି ବଜାୟ ରଖାଯାଇଛି । ଉତ୍ତରଦାତାଙ୍କୁ ପରିସର ଖାଲି କରିବା ପାଇଁ ଆଜିଠାରୁ ଛଅ ମାସ ସମୟ ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ                                                    ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**